

ଟିପ୍ପଣୀ

# ୨୯

# ମାନବ ଅଧିବାସ

ପୂର୍ବ ଅଧ୍ୟାୟରେ ଆମେ ଜନସଂଖ୍ୟାର ଗଠନ, ମୋଟ୍ ଜନସଂଖ୍ୟା, ଗ୍ରାମାଞ୍ଚଳ-ସହରାଞ୍ଚଳ ଜନସଂଖ୍ୟା, ଜନସଂଖ୍ୟା ବୃଦ୍ଧି ଇତ୍ୟାଦି ସମ୍ବନ୍ଧରେ ଆଲୋଚନା କରିସାରିଛେ । ଏହି ଅଧ୍ୟାୟରେ ଆମେ 'ମାନବ ଅଧିବାସ' ଉପେର ଧ୍ୟାନ କେନ୍ଦ୍ରୀତ କରିବା । ତେଣୁ ଅଧିବାସର ଅବଧାରଣା, ଅର୍ଥ, ପ୍ରକୃତି, ଭାରତରେ ଗ୍ରାମୀଣ ତଥା ସହରୀ ଅଧିବାସର ବିକାଶ ତଥା ବର୍ଗୀକରଣ ସମ୍ବନ୍ଧରେ ହିଁ ଆଲୋଚନା କରିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପଠନ ପରେ ତୁମେମାନେ :

- 'ଅଧିବାସ' ଶବ୍ଦର ଅର୍ଥ ବୁଝାଇପାରିବ;
- ବିଭିନ୍ନ ପ୍ରକାର 'ଗ୍ରାମୀଣ ଅଧିବାସ' ଚିହ୍ନାଇପାରିବ;
- ଭାରତର ବିଭିନ୍ନ ପ୍ରକାର ଘର ବର୍ଣ୍ଣନା କରିପାରିବ;
- ବିଭିନ୍ନ ପ୍ରକାର ଘରକୁ ଭୂ-ଆକୃତି, ଜଳବାୟୁ ଓ ଘର ନିର୍ମାଣ ପାଇଁ ଆବଶ୍ୟକ ଉପକରଣ ସହ ସଂପର୍କ ସ୍ଥାପନ କରିପାରିବ;
- ଜନଗଣନାରେ ଦର୍ଶାଯାଇଥିବା ସହରାଞ୍ଚଳକୁ ବୁଝାଇପାରିବ;
- ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବସ୍ତିର ପ୍ରତିରୂପର ବିଶ୍ଳେଷଣ କରିପାରିବ;
- ଜନଗଣନା ଦ୍ୱାରା ପ୍ରଦତ୍ତ ସହରାଞ୍ଚଳ ଅଧିବାସୀ କ୍ରିୟାତ୍ମକ ବର୍ଗୀକରଣକୁ ବୁଝାଇପାରିବ ।

## 29.1 ଅଧିବାସୀ କ'ଣ ?

ଅଧିକାଂଶ ସମୟରେ ଆମେ ଏହି ଶବ୍ଦକୁ ବ୍ୟବହାର କଲେ ମଧ୍ୟ ଏହାର ସ୍ପଷ୍ଟ ପରିଭାଷା ପ୍ରଦାନ କରିବା ସହଜ ହୁଏନାହିଁ । ସରଳ ଭାଷାରେ କହିଲେ ଗୋଟିଏ ଘରଠାରୁ ବଡ଼ ସହର ପର୍ଯ୍ୟନ୍ତ କୌଣସି ରୂପରେ ମଣିଷ ପାଇଁ





ଉଦ୍ଦିଷ୍ଟ ଆବାସକୁ ଅଧିବାସ କୁହାଯାଏ । ଅଧିବାସ ଏକ ପ୍ରକ୍ରିୟା ଯାହାଦ୍ୱାରା ବହୁଲୋକ ଦଳବଦ୍ଧ ହୁଅନ୍ତି ଏବଂ କୌଣସି ସ୍ଥାନକୁ ଦଖଲ କରି ବାସଗୃହ ନିର୍ମାଣ ସହ ଆର୍ଥିକ ସହାୟତା ମଧ୍ୟ ଲାଭକରନ୍ତି ।

ଅଧିବାସ ମୁଖ୍ୟତଃ ୨ପ୍ରକାର । ଯଥା : ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଅଧିବାସ । ଏହାର ଅର୍ଥ ଓ ପ୍ରକାର ଭେଦ ଆଲୋଚନା କରିବା ପୂର୍ବରୁ ଏମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ଜାଣିବା ଦରକାର ।

(i) ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ କାର୍ଯ୍ୟ । ଗ୍ରାମାଞ୍ଚଳରେ ପ୍ରାଥମିକ କାର୍ଯ୍ୟ ଥିବାବେଳେ ସହରାଞ୍ଚଳରେ ମାଧ୍ୟମିକ ଏବଂ ତୃତୀୟ ସ୍ତରୀୟ କାର୍ଯ୍ୟର ପ୍ରାଧାନ୍ୟ ଥାଏ ।

(ii) ଗ୍ରାମାଞ୍ଚଳର ଜନସଂଖ୍ୟାର ଘନତ୍ୱ ସାଧାରଣ ଭାବେ ସହରାଞ୍ଚଳ ଅପେକ୍ଷା କମ୍ ।

## 29.2 : ଗ୍ରାମୀଣ ଅଧିବାସୀର ପ୍ରକାର ଓ ପ୍ରତିରୂପ :

ଏସବୁ ବିଷୟରେ ଆଲୋଚନା କରିବା ପୂର୍ବରୁ 'ପ୍ରକାର' ଓ 'ପ୍ରତିରୂପ' ଦୁଇଟି ଶବ୍ଦ ବିଷୟରେ ଆମର ଧାରଣା ରହିବା ଦରକାର । 'ପ୍ରକାର' ଶବ୍ଦର ଅର୍ଥ ଗୋଟିଏ ଶ୍ରେଣୀରେ କିଛି ବର୍ଗୀକୃତ ବସ୍ତୁ । କିନ୍ତୁ 'ପ୍ରତିରୂପ' ଶବ୍ଦର ଅର୍ଥରୁ କୌଣସି ନିଶ୍ଚିତ ଆକୃତି କିମ୍ବା ବହୁତ କିଛି ଘଟିବାର ବିନ୍ୟାସ ଜଣାପଡ଼େ । ଆମେ ଯେତେବେଳେ 'ଅଧିବାସ ପ୍ରତିରୂପ' କଥା ଆଲୋଚନା କରୁ । ଏହା ଏକ ନିର୍ଦ୍ଦିଷ୍ଟ ଅଂଚଳରେ ଅଧିବାସର ସ୍ଥାନିକ ସାଜସଜ୍ଜା କିମ୍ବା ବିତରଣକୁ ବୁଝାଏ । ଏହା ଅଧିବାସର ପ୍ରକାର ଠାରୁ ଭିନ୍ନ ।

**ଗ୍ରାମୀଣ ଅଧିବାସୀର ପ୍ରକାର :**

ଦେଶରେ ଦେଖାଯାଉଥିବା ସମସ୍ତ ପ୍ରକାର ଅଧିବାସକୁ ୪ଟି ଶ୍ରେଣୀରେ ବର୍ଗୀକୃତ କରାଯାଇପାରେ ।


(i) ସଘନ / ସଂହତ / କେନ୍ଦ୍ରୀତ ଅଧିବାସ

(ii) ଅର୍ଦ୍ଧ ସଘନ/ ଅର୍ଦ୍ଧ ସଂହତ / ବିଖଣ୍ଡିତ ଅଧିବାସ

(iii) ପଲ୍ଲୀ ଅଧିବାସ

(iv) ବିକ୍ଷିପ୍ତ ବା ବିକୀର୍ଣ୍ଣ ଅଧିବାସ

**(i)** **ସଘନ ଅଧିବାସ :** ଏ ପ୍ରକାର ଅଧିବାସରେ ଘରଗୁଡ଼ିକ ପାଖାପାଖି ଲଗାଲଗି ହୋଇଥାଆନ୍ତି । ଫଳତଃ ଏହି ଆବାସିତ କ୍ଷେତ୍ର ଫାର୍ମ ଓ ଚାରଣ ବା ଗୋଚର ଭୂମିଠାରୁ ଅଲଗା ହୋଇଥାଏ । ତେଣୁ ଏହି ଅଧିବାସରେ ସବୁଘର ଗୁଡ଼ିକ କୌଣସି ଏକ କେନ୍ଦ୍ରସ୍ଥଳରେ କେନ୍ଦ୍ରୀଭୂତ ହୋଇଥାଆନ୍ତି । ଆମଦେଶର ଅଧିକାଂଶ ଘର ଏହି ଶ୍ରେଣୀର ଅନ୍ତର୍ଗତ । ଏହି ଅଧିବାସ ଦେଶର ପ୍ରତ୍ୟେକ ଭାଗରେ ଦେଖିବାକୁ ମିଳେ । ଉତ୍ତରରେ ସିନ୍ଧୁ-ଗଙ୍ଗା ସମତଳ ଅଂଚଳ (ଉତ୍ତର ପଶ୍ଚିମରେ ପଞ୍ଜାବ ଠାରୁ ପୂର୍ବରେ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ) ଓଡ଼ିଶା ଉପକୂଳ, ମହାନଦୀ ଅବବାହିକା (ଛତିଶଗଡ଼ରେ) ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ଅଂଚଳ, କାବେରୀ ତ୍ରିକୋଣଭୂମି ଅଂଚଳ (ତାମିଲନାଡ୍ରୁ) କର୍ଣ୍ଣାଟକର ମୈଦାସ ଅଂଚଳ, ନିମ୍ନ ଆସାମ ଓ ତ୍ରିପୁରା, ସିଓ୍ୱାଲିକ ଉପତ୍ୟକା ଇତ୍ୟାଦିରେ ଏପ୍ରକାର ବିତରିତ ହୋଇଛି । ବେଳେବେଳେ ସୁରକ୍ଷା ବା ନିରାପତ୍ତା ଦୃଷ୍ଟିରୁ ମଧ୍ୟ ଲୋକମାନେ ସଘନ ଅଧିବାସ କରିବାକୁ ଚାହାଁନ୍ତି । ମଧ୍ୟପ୍ରଦେଶର ବୁନ୍ଦେଲଖଣ୍ଡ ଅଂଚଳ ଓ





ଉତ୍ତର ପ୍ରଦେଶରେ ଏହି କାରଣ ଯୋଗୁଁ ସଘନ ଅଧିବାସ ସୃଷ୍ଟି ହୋଇଛି । ରାଜସ୍ଥାନରେ ଚାଷୋପଯୋଗୀ ଭୂମି ଓ ଜଳର ଅଭାବ ଭଳି କାରଣ ଯୋଗୁଁ ଲୋକମାନେ ଏଭଳି ଅଧିବାସ କରିଛନ୍ତି । ତେଣୁ ସେମାନେ ମିଳିତ ଭାବେ ଉପଲବ୍ଧ ପ୍ରାକୃତିକ ସମ୍ବଳର ସର୍ବାଧିକ ବିନିଯୋଗ କରିବାକୁ ଚାହାଁନ୍ତି ।

ଏହିପ୍ରକାର ଅଧିବାସରେ ୩୦ରୁ ଶହଶହ ଘର ଥାଏ । ସେହି ଘରଗୁଡ଼ିକର କାର୍ଯ୍ୟ, ଆକୃତି ଏବଂ ଆକାର କିନ୍ତୁ ଭିନ୍ନ ଭିନ୍ନ । ହାରାହାରି ଭାବେ ସେମାନଙ୍କର ଆକାର ରାଜସ୍ଥାନର ଜନବିରଳ ଅଂଚଳରେ 500 ରୁ 2500 ଲୋକଙ୍କ ଠାରୁ ଆରମ୍ଭ କରି ଜନବହୁଳ ଗାଙ୍ଗେୟ ସମତଳ ଭୂମିର 10,000 ଲୋକ ପର୍ଯ୍ୟନ୍ତ ହୋଇଥାଏ । ଅଧିକାଂଶ ଭାବେ ଏହି ଅଧିବାସଗୁଡ଼ିକରେ ଲଗାଲଗି ଗୃହ ନିର୍ମାଣ ସମୟରେ ନିର୍ଦ୍ଦିଷ୍ଟ ରାସ୍ତା ଓ ଗଳି ଏକ ନିର୍ଦ୍ଦିଷ୍ଟ ଢ଼ାଞ୍ଚାରେ ନିର୍ମାଣ କରାଯାଇଥାଏ । ଏହି ପ୍ରତିରୂପର ସଂଖ୍ୟା ପ୍ରାୟତଃ 11 ଟି ବୋଲି ଚିହ୍ନଟ କରାଯାଇଛି । କିନ୍ତୁ ଆମେ ଏଠାରେ 5 ଟି ପ୍ରତିରୂପ ଆଲୋଚନା କରିବା ।

1. ରୈଖିକ ପ୍ରତିରୂପ (Linear Pattern)
2. ଆୟତାକାର ପ୍ରତିରୂପ (Rectangular Pattern)
3. ବର୍ଗାକାର ପ୍ରତିରୂପ (Square Pattern)
4. ବୃତ୍ତାକାର ପ୍ରତିରୂପ (Circular Pattern)
5. ବ୍ୟାସାର୍ଦ୍ଧ ପ୍ରତିରୂପ (Radial Pattern)

**(i)** **ରୈଖିକ ପ୍ରତିରୂପ (Linear Pattern) :** ଏ ଧରଣର ଅଧିବାସ ମୁଖ୍ୟତଃ ମୁଖ୍ୟ ରାସ୍ତା, ରେଳପଥ ଓ ନଦୀକୂଳରେ ଦେଖାଯାଏ । ଏଥିରେ ମୁଖ୍ୟରେଖା ସାହାଯ୍ୟରେ ଏକ ଶୃଙ୍ଖଳାରେ ଶ୍ରେଣୀବଦ୍ଧ ଘର ହୋଇଥାଏ । ଉଦାହରଣ ସ୍ୱରୂପ ଗ୍ରାମାଞ୍ଚଳ ଅଧିବାସ ଗୁଡ଼ିକ ସମୁଦ୍ରକୂଳ, ନଦୀ ଉପତ୍ୟକା ଏବଂ ପର୍ବତଶ୍ରେଣୀ ପାଖରେ ଦେଖାଯାଏ ।

**(ii)** **ଆୟତାକାର ପ୍ରତିରୂପ (Rectangular Pattern) :** ଏହା ଅତି ସାଧାରଣ ଅଟେ ଏବଂ କୃଷିଭୂମି ଚତୁଃପାର୍ଶ୍ୱରେ ଗଢ଼ି ଉଠିଥାଏ । ବର୍ଗାକାର ଏକକ ଉପରେ ଆଧାରିତ ଭୂ-ବନ୍ଦୋବସ୍ତ ଉପରେ ହିଁ ଏହା ପର୍ଯ୍ୟବେସିତ । ଏଥିରେ ରାସ୍ତା ମଧ୍ୟ ଆୟତାକାର ଏବଂ ପରସ୍ପରକୁ ସମକୋଣରେ ଛେଦନ କରନ୍ତି । ଗାଁ ଭିତର ରାସ୍ତା ମଧ୍ୟ ଆୟତକ୍ଷେତ୍ର ଅନୁସାରେ ଉତ୍ତର-ଦକ୍ଷିଣ ଓ ପୂର୍ବ-ପଶ୍ଚିମ ଦିଗରେ ବ୍ୟାପ୍ତଥାଏ । ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶର ସମୁଦ୍ର ଉପକୂଳବର୍ତ୍ତୀ ଅଂଚଳରେ ତଥା ଆରାବଳୀ ପାର୍ବତ୍ୟାଞ୍ଚଳରେ ଏପ୍ରକାର ଅଧିବାସ ଦେଖାଯାଏ ।

**(iii)** **ବର୍ଗାକାର ପ୍ରତିରୂପ (Square Pattern) :** ଆୟତାକାର ପ୍ରତିରୂପର ଏହା ଏକ ଭିନ୍ନ ପ୍ରକାର ରୂପ ଅଟେ । ଏ ପ୍ରକାର ଅଧିବାସ ମୁଖ୍ୟତଃ ଶଗଡ଼ ଚଲା ରାସ୍ତା କିମ୍ବା ଗ୍ରାମ୍ୟ ସଡ଼କର ମିଳନ ସ୍ଥଳ ସହ ସମ୍ପର୍କୀତ । ଏହି ଅଧିବାସ ବେଳେବେଳେ ବର୍ଗାକାର କ୍ଷେତ୍ରକୁ ଗାଁର ବିସ୍ତୃତ ଯୋଗୁଁ ହୋଇଥାଏ ।

**(iv)** **ବୃତ୍ତାକାର ପ୍ରତିରୂପ (Circular Pattern) :** ଅପର ଦୋଆବ ଏବଂ ଟ୍ରାନ୍ସ-ଯମୁନା ଜିଲ୍ଲା, ମାଲୱା ଅଂଚଳ, ପଞ୍ଜାବ ଏବଂ ଗୁଜୁରାଟ ଅନ୍ତର୍ଗତ ବଡ଼ ବଡ଼ ଗାଁରେ ସଘନ ଜନସଂଖ୍ୟା ହେତୁ ଘରଗୁଡ଼ିକ ବହୁତ ଅଧିକ ଲଗାଲଗା ହୋଇ ତିଆରି ହୋଇଥାଏ । ଘରଗୁଡ଼ିକର ବାହାର ପାରେଚୀ ଗୁଡ଼ିକ ପରସ୍ପର





ଲାଗିଲାଗି ରହିଥିବାରୁ, ବାହାରୁ ଦେଖିଲେ ଗୋଟିଏ ଏବଂ ବୃତ୍ତାକାର ଦେଖାଯାଏ । ଅତୀତରେ ସୁରକ୍ଷା ଦୃଷ୍ଟିକୋଣରୁ ଏହି ପ୍ରକାର ଅଧିବାସ ସୃଷ୍ଟି ହୋଇଛି ।

(v) **ବ୍ୟାସାର୍ଦ୍ଧ ପ୍ରତିରୂପ (Radial Pattern) :** ଏ ପ୍ରକାର ପ୍ରତିରୂପରେ ଅନେକ ସଡ଼କ କିମ୍ବା ଗଳି କୌଣସି ଏକ କେନ୍ଦ୍ରସ୍ଥଳ ଯଥା (କୂଅ ବା ପୋଖରୀ) ଜଳସ୍ରୋତ, ମନ୍ଦିର, ମସ୍‌ଜିଦ୍, ବ୍ୟବସାୟ କେନ୍ଦ୍ର କିମ୍ବା ଏକ ଖୋଲାସ୍ଥାନରେ ମିଳିତ ହୋଇଥାଆନ୍ତି । ତେଣୁ ସେହି କେନ୍ଦ୍ରସ୍ଥଳରୁ ସବୁରାସ୍ତାଗୁଡ଼ିକ ବିଚ୍ଛୁରିତ ହେବାଭଳି ଜଣାପଡ଼େ । ରାଜସ୍ଥାନର ମାଉଣ୍ଟଆବୁରେ ଗୁରୁଶିଖର ନିକଟରେ ଏବଂ ଉତ୍ତର ପ୍ରଦେଶର ବିନ୍ଧ୍ୟାଞ୍ଚଳରେ ଦେଖାଯାଉଥିବା ଅଧିବାସ ଏହାର ଉଦାହରଣ ।


2. **ଅର୍ଦ୍ଧ-ସଘନ ଅଧିବାସ :** ଶୀର୍ଷକରୁ ଜଣାପଡ଼େଯେ ଏଥିରେ ଘରଗୁଡ଼ିକ ସଂପୂର୍ଣ୍ଣଭାବେ ସଂଗଠିତ ନୁହଁନ୍ତି । ଏ ପ୍ରକାର ଅଧିବାସରେ ଏକ କେନ୍ଦ୍ରାଞ୍ଚଳର ଚତୁଃପାର୍ଶ୍ୱରେ ଛୋଟ ଛୋଟ ଗାଁ ଥାଏ । ଏହା ସଘନ ଅଧିବାସ ତୁଳନାରେ ଅଧିକ ସ୍ଥାନ ଅଧିକାର କରେ । ଏ ପ୍ରକାର ଅଧିବାସ ସ୍ଥାନୀୟ ପରିବେଶୀୟ ଅବସ୍ଥା ଉପରେ ଆଧାର କରି ସମତଳ ଅଞ୍ଚଳ ବା ମାଳଭୂମି ଅଞ୍ଚଳରେ ଦେଖାଯାଏ । ଏହି ଅଧିବାସ ମଣିପୁରର ନଦୀତଟ ଅଂଚଳ ମଧ୍ୟପ୍ରଦେଶର ମାଣ୍ଡଳା ଓ ବାଲାଘାଟ ଜିଲ୍ଲାରେ ଏବଂ ଛତିଶଗଡ଼ର ରାଜଗଡ଼ ଜିଲ୍ଲାରେ ଅବସ୍ଥିତ । ଛୋଟନାଗପୁର ଅଂଚଳରେ ଏହି ଅଧିବାସ ଗୁଡ଼ିକରେ ଆଦିବାସୀ ଲୋକମାନେ ବାସକରନ୍ତି । ସଘନ ଅଧିବାସ ଭଳି ଅର୍ଦ୍ଧସଘନ ଅଧିବାସର ମଧ୍ୟ ଅନେକ ପ୍ରତିରୂପ ଅଛି । ଯଥା : (i) ଚେକର ବୋର୍ଡ଼ ପ୍ରତିରୂପ (Checker Board Pattern) (ii) ବର୍ଦ୍ଧିତ ଆୟତାକାର ପ୍ରତିରୂପ (Elongated Pattern) (iii) ପଙ୍ଖାକାର ପ୍ରତିରୂପ (Fan shaped Pattern)

(i) **ଚେକର ବୋର୍ଡ଼ ପ୍ରତିରୂପ :** ଦୁଇଟି ରାସ୍ତାର ମିଳନ ସ୍ଥଳରେ ସାଧାରଣତଃ ଏ ପ୍ରକାର ଅଧିବାସ ଦେଖିବାକୁ ମିଳେ । ଗାଁର ରାସ୍ତାଗୁଡ଼ିକ ପରସ୍ପର ସହ ମିଳିତ ହୁଅନ୍ତି କିମ୍ବା ସମାନ୍ତରାଳ ଭାବେ ଥାଆନ୍ତି । ଉତ୍ତରସ୍ଥ ସମତଳ ଅଂଚଳରେ ଏ ପ୍ରକାର ଅଧିବାସ ଦେଖିବାକୁ ମିଳେ ।

(ii) **ବର୍ଦ୍ଧିତ ଆୟତାକାର ପ୍ରତିରୂପ :** ସ୍ଥାନୀୟ କାରଣ ଯୋଗୁଁ ଆୟତାକାର ଅଧିବାସର ଲମ୍ବରେ ବୃଦ୍ଧିହୋଇ ଏପ୍ରକାର ଅଧିବାସ ସୃଷ୍ଟି ହୋଇଥାଏ । ଉଦାହରଣ ସ୍ୱରୂପ ଗାଙ୍ଗେୟ ସମତଳ ଭୂମିର ବନ୍ୟାପ୍ରବଣ ଅଂଚଳରେ ଏଠାକାର ଆୟତାକାର ଅଧିବାସ ଲମ୍ବରେ ଉଚ୍ଚସ୍ଥାନ ଆଡକୁ ବିସ୍ତାରିତ ହୋଇଥାଏ । ଏହାଛଡ଼ା ଅନୁକୂଳ ସ୍ଥିତିଯୋଗୁଁ ଏହି ଅଧିବାସ ଗଠନ ହେବା ସୁବିଧା ହୁଏ ।

(iii) **ପଙ୍ଖାକାର ପ୍ରତିରୂପ :** ଗାଁର ଶେଷ ମୁଣ୍ଡରେ ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଥାଏ, ସେଠାରେ ଏହି ପ୍ରତିରୂପ ଦେଖାଯାଏ । ଏହି କେନ୍ଦ୍ରବିନ୍ଦୁ କୌଣସି ପୋଖରୀ, ନଦୀକୂଳ, ବଗିଚା, କୂଅ କିମ୍ବା ପୂଜା ସ୍ଥଳ ହୋଇପାରେ । ଏହି ପ୍ରତିରୂପ ନଦୀ ମୁହାଣ ଅଂଚଳରେ ମଧ୍ୟ ଥାଏ । କାରଣ ଏଠାରେ ଘରଗୁଡ଼ିକ ମୁହାଣର ପଙ୍ଖା ଆକୃତି ଅନୁକରଣରେ ତିଆରି ହୁଏ । ମହାନଦୀ, ଗୋଦାବରୀ, କୃଷ୍ଣା ଏବଂ କାବେରୀ ଆଦି ନଦୀ ମୁହାଣରେ ଏହି ଅଧିବାସ ଦେଖିବାକୁ ମିଳେ । ହିମାଳୟ ପାଦଦେଶରେ ମଧ୍ୟ ଏ ପ୍ରକାର ପ୍ରତିରୂପ ଅଳ୍ପସ୍ୱଳ୍ପ ଦେଖାଯାଏ ।

(iv) **ପଲ୍ଲୀ ଅଧିବାସ :** ଏହି ପ୍ରକାର ଅଧିବାସ ଅନେକ ଗୁଡ଼ିଏ ଛୋଟ ଛୋଟ ଏକକରେ ବିଭାଜିତ ହୋଇଥାଏ । ମୁଖ୍ୟ ଅଧିବାସର ଅନ୍ୟାନ୍ୟ ଅଧିବାସ ଉପରେ କୌଣସି ଅଧିକ ପ୍ରଭାବ ରହେନାହିଁ । ଅଧିବାସର ବାସ୍ତବିକ ସ୍ଥାନ ଲୁଚେଇବା ଯୋଗ୍ୟ ନୁହେଁ ତଥା ଘରଗୁଡ଼ିକ ବହୁତ ବଡ଼ ଏସିଆରେ ହିଁ ଥାଏ ଏବଂ ମଝିରେ ମଝିରେ ଜମିଥାଏ । ଏହି ବିଭାଜନ ସାଧାରଣତଃ ସାମାଜିକ ଓ ଜାତୀୟ





କାରକ ଦ୍ୱାରା ପ୍ରଭାବିତ ହୁଏ । ସ୍ଥାନୀୟ ଭାବରେ ଏ ଘରଗୁଡ଼ିକୁ 'ଫଳିଆ', 'ପାରା', 'ଧନା', 'ଧାନୀ' ଓ 'ନାଙ୍ଗଲେ' କୁହାଯାଏ । ସାଧାରଣତଃ ପଶ୍ଚିମବଙ୍ଗ, ପୂର୍ବ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ଉପକୂଳୀୟ ସମତଳ ଅଂଚଳରେ ଏପରି ଅଧିବାସ ଦେଖିବାକୁ ମିଳେ । ଭୌଗୋଳିକ ଭାବେ ନିମ୍ନ ଗଙ୍ଗା ଅଂଚଳ, ହିମାଳୟର ନିମ୍ନ ଉପତ୍ୟକା ଏବଂ କେନ୍ଦ୍ରୀୟ ମାଳଭୂମି ଓ ଦେଶର ଉଚ୍ଚଭୂମି ଏହି ଅଧିବାସ ଅନ୍ତର୍ଗତ ।

3. **ବିକ୍ଷିପ୍ତ ବା ବିକୀର୍ଣ୍ଣ ଅଧିବାସ :** ଏହି ଅଧିବାସକୁ ଏକାକୀ ଅଧିବାସ ମଧ୍ୟ କୁହାଯାଏ । ଏଭଳି ଅଧିବାସରେ ଘରଗୁଡ଼ିକର ଆକାର ଛୋଟ ଏବଂ ଗାଁର ଆକାର ମଧ୍ୟ ଛୋଟ । ଏଗୁଡ଼ିକରେ ଘର ସଂଖ୍ୟା ଦୁଇରୁ ସାତ ମଧ୍ୟରେ ଥାଏ । ଏକ ବିରାଟ ଅଂଚଳରେ ଘରଗୁଡ଼ିକ ବିକ୍ଷିପ୍ତ ଭାବରେ ଥାଏ । ଏହାର କୌଣସି ନିର୍ଦ୍ଦିଷ୍ଟ ପ୍ରତିରୂପ ନଥାଏ । ଏପରି ଅଧିବାସ ଭାରତର ଜନଜାତି ବହୁଳ କେନ୍ଦ୍ରାଞ୍ଚଳ ଯଥା ଛୋଟନାଗପୁର ମାଳଭୂମି, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଦେଖାଯାଏ । ଏହାଛଡ଼ା ଉତ୍ତର ବଙ୍ଗ, ଜାମ୍ମୁ-କାଶ୍ମୀର, ତାମିଲନାଡୁ ଏବଂ କେରଳରେ ମଧ୍ୟ ଏହି ଅଧିବାସ ଦେଖିବାକୁ ମିଳେ ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୯.୧

1. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଗୋଟିଏ ବାକ୍ୟରେ ଉତ୍ତର ଲେଖ ।

(କ) 'ଅଧିବାସ' କହିଲେ କ'ଣ ବୁଝ ?

______________________________

(ଖ) କେଉଁ ଦୁଇଟି ଆଧାରରେ ଗ୍ରାମୀଣ ଓ ସହରୀ ଅଧିବାସ ମଧ୍ୟରେ ଆମେ ପାର୍ଥକ୍ୟ ବୁଝାଇ ପାରିବା ?

(i) ____________ (ii) ____________

(ଗ) ଭାରତର ଗ୍ରାମୀଣ ଅଧିବାସ ବର୍ଗୀକୃତ ହୋଇଥିବା ୪ଟି ମୁଖ୍ୟ ଶ୍ରେଣୀର ନାମ ଲେଖ ।

(i) ____________ (ii) ____________

(iii) ____________ (iv) ____________

(ଘ) ଭାରତରେ କେଉଁ ପ୍ରକାର ଅଧିବାସର କ୍ଷେତ୍ରୀୟ ବିସ୍ତାର ସର୍ବାଧିକ ?

______________________________

(ଙ) ପଲ୍ଲୀ-ଅଧିବାସ ସମ୍ବନ୍ଧରେ ଏକ ବିବରଣୀ ପ୍ରଦାନ କର ।

(ଚ) ବିକୀର୍ଣ୍ଣ ଅଧିବାସ କେଉଁଠାରେ ଦେଖାଯାଏ ? ୨ଟି ଉଦାହରଣ ଲେଖ ।

(i) ______________________________

(ii) ______________________________

## 29.3 ଗ୍ରାମୀଣ ଅଧିବାସ ପ୍ରକାରକୁ ପ୍ରଭାବିତ କରୁଥିବା କାରକ :

ଭାରତରେ ଅଧିବାସ ପ୍ରକାରକୁ ତିନୋଟି କାରକ ଦ୍ୱାରା ପ୍ରଭାବିତ । ସେଗୁଡ଼ିକ ଯଥାକ୍ରମେ (i) ପ୍ରାକୃତିକ (ii)



ଟିପ୍ପଣୀ

ଜାତୀୟ ଓ ସାଂସ୍କୃତିକ (iii) ଐତିହାସିକ କିମ୍ବା ପ୍ରତିରକ୍ଷାତ୍ମକ ।

(i) **ପ୍ରାକୃତିକ କାରକ :** ଭୂ-ରୂପ, ସମୁଦ୍ର ପତ୍ତନ ଠାରୁ ସ୍ଥାନର ଉଚ୍ଚତା, ମୃତ୍ତିକା ସାମର୍ଥ୍ୟ, ଜଳବାୟୁ, ଅପବାହ, ଭୂ-ତଳ ଜଳସ୍ତର ଆଦି ପ୍ରାକୃତିକ କାରକ ଅର୍ନ୍ତଗତ । ଘରର ପ୍ରକାର ଓ ଘରଗୁଡ଼ିକ ମଧ୍ୟରେ ଦୂରତାକୁ ଏହି କାରକମାନେ ପ୍ରଭାବିତ କରନ୍ତି । ଉଦାହରଣ ସ୍ୱରୂପ ରାଜସ୍ଥାନର ଶୁଷ୍କ ଅଂଚଳରେ ଜଳର ଉପଲବ୍ଧତା ନିର୍ଣ୍ଣାୟକ କାରକ ଅଟେ । ତେଣୁ ଏହି ଅଞ୍ଚଳରେ ଘରଗୁଡ଼ିକ କୂଅ କିମ୍ବା ପୋଖରୀ ନିକଟବର୍ତ୍ତୀ ଅଂଚଳରେ ସଂକେନ୍ଦ୍ରୀତ ।

(ii) **ଜାତୀୟ ଓ ସାଂସ୍କୃତିକ କାରକ :** ଜାତି, ସଂପ୍ରଦାୟ, ଜାତୀୟତା, ଧର୍ମ ଆଦି ଏହି କାରକର ଅର୍ନ୍ତଭୁକ୍ତ । ସାଧାରଣତଃ ଆମଦେଶରେ ଜମିଦାର ଜାତି ଗାଁ ମଝିରେ ରହିଥାଆନ୍ତି ଏବଂ ସେବା ପ୍ରଦାନକାରୀ ଅନ୍ୟାନ୍ୟ ଜାତିର ଲୋକମାନେ ଗାଁ ଚାରିପଟେ ବାସ କରନ୍ତି । ଫଳସ୍ୱରୂପ ସାମାଜିକ ପୃଥକୀକରଣ ସୃଷ୍ଟିହେବା ସହ ଅଧିବାସ ଗୁଡ଼ିକ ଛୋଟ ଛୋଟ ଭାଗରେ ବିଭକ୍ତ ହୁଏ ।

(iii) **ଐତିହାସିକ କିମ୍ବା ପ୍ରତିରକ୍ଷାତ୍ମକ କାରକ :** ଅତୀତରେ ଉତ୍ତର-ପଶ୍ଚିମ ସମତଳ ଅଂଚଳରେ ଅଧିକାଂଶ ସୀମାନ୍ତ-ଅଂଚଳ ବାରମ୍ବାର ବାହ୍ୟ ଶତ୍ରୁ ଆକ୍ରମଣର ଶିକାର ହୋଇଥିଲା ଏବଂ ବାହ୍ୟଶତ୍ରୁ କବ୍‌ଜାରେ ମଧ୍ୟ ଥିଲା । ବର୍ହିଶତ୍ରୁ ଆକ୍ରମଣ ବ୍ୟତୀତ ଦୀର୍ଘଦିନ ଧରି ଦେଶ ଭିତରେ ପ୍ରାଦେଶିକ ରାଜାମାନଙ୍କ ମଧ୍ୟରେ ଯୁଦ୍ଧ ଲାଗିରହିଥିଲା । ତେଣୁ ସୁରକ୍ଷା ଦୃଷ୍ଟିରୁ ନାଭିକୀୟ ପ୍ରତିରୂପରେ ଅଧିବାସ ସୃଷ୍ଟି ହୋଇଥିଲା ।

## 29.4 ଭାରତରେ ଗୃହର ପ୍ରକାର ଭେଦ :

ଗୃହ ନିର୍ମାଣ ସାମଗ୍ରୀର ଉପଲବ୍ଧତା ଉପରେ ନିର୍ଭର କରି ଗୃହ ପ୍ରକାରଭେଦର ଭିନ୍ନତା ଦେଖାଯାଏ । ଏହାଛଡ଼ା ଭୂ-ରୂପ ତଥା ଜଳବାୟୁ ଅବସ୍ଥା ମଧ୍ୟ ଏଥିପାଇଁ ଦାୟୀ । ଅଧିକ ବର୍ଷା ହେଉଥିବା ଅଂଚଳ କିମ୍ବା ବରଫପାତ ହେଉଥିବା ଅଂଚଳ, ଏହି ଦୁଇ ଅଂଚଳରେ ଘରଗୁଡ଼ିକର ଛାତ ଦୁଇପାର୍ଶ୍ୱକୁ ଗଡ଼ାଣିଆ ଥାଏ । କମ୍ ବୃଷ୍ଟିପାତ ଅଂଚଳରେ ଘରର ଛାତ ସମତଳ ଥାଏ ।

ଗୃହ ନିର୍ମାଣ ସାମଗ୍ରୀ ଉପରେ ନିର୍ଭର କରି ଏଗୁଡ଼ିକୁ ଦୁଇ ଭାଗରେ ବର୍ଗୀକରଣ କରାଯାଏ ।

1. ଘର କାନ୍ଥ ନିର୍ମାଣ ସାମଗ୍ରୀ
2. ଛାତ ପାଇଁ ବ୍ୟବହୃତ ସାମଗ୍ରୀ


ଆଧୁନିକ ନିର୍ମାଣ ଶୈଳୀ ତଥା ଆର୍ଥୀକ ସହାୟତାର ଉପଲବ୍ଧ ଯୋଗୁଁ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନେ ଘରର ଗଠନ ପରିବର୍ତ୍ତନ କରିଛନ୍ତି ।

**1. କାନ୍ଥ ନିର୍ମାଣରେ ବୃବହୃତ ସାମଗ୍ରୀ :**

ଆମଦେଶରେ କାନ୍ଥ ନିର୍ମାଣରେ ବ୍ୟବହୃତ ସାମଗ୍ରୀ ଗୁଡ଼ିକ ପାଞ୍ଚଭାଗରେ ବିଭକ୍ତ କରାଯାଏ ।

ସେଗୁଡ଼ିକ ଯଥାକ୍ରମେ :-(i) ମାଟି (ଚକଟା), (ii) ପଥର, (iii) ଇଟା, (iv) କାଠ ଗଣ୍ଡି, (v) ପୁଚ୍ଚି (wattle)

(i) ମାଟି ଚକଟା ନିର୍ମାଣରେ ବ୍ୟବହୃତ ସାମଗ୍ରୀ ମଧ୍ୟରେ ସବୁଠାରୁ ସାଧାରଣ ଅଟେ । ସବୁ ପ୍ରକାର ମାଟିରୁ ଏହା ମିଳେ । ଏହାର ରଂଗ, ଗଠନ ଓ ସଂରଚନା ଅଲଗା ହୋଇଥାଏ । ପୁରାତନ ସଭ୍ୟତାରେ ମାଟି ଗାରାକୁ ବହୁଳ ଭାବରେ ବ୍ୟବହାର କରାଯାଉଥିଲା । ମାଟିଗାରାରେ ନିର୍ମିତ





ଘର ସାଧାରଣତଃ ପରିବାର ସଦସ୍ୟଙ୍କ ପରିଶ୍ରମ ଓ ପଡ଼ୋଶୀମାନଙ୍କ ସହଯୋଗରେ ତିଆରି ଏବଂ ଦେଶର ପ୍ରାୟ ସର୍ବତ ଏହା ଦେଖିବାକୁ ମିଳେ ।

(ii) ଯେଉଁ ସ୍ଥାନରେ ପଥର, ବାସାଲଟ୍ ବୋଲଡ଼ର୍ କିମ୍ବା ସାଇଜ୍ ପଥର ନିକଟରେ ପ୍ରଚୁର ମାତ୍ରାରେ ମିଳୁଥିବା ଅଥବା ସହଜରେ ପରିବାହିତ ହୋଇପାରୁଥିବା ଅଂଚଳରେ ଏଗୁଡ଼ିକ ବହୁଳ ମାତ୍ରରେ ବ୍ୟବହୃତ ହୁଏ । ବାଲିପଥର ଯୁକ୍ତ ପାହାଡ଼ିଆ ଅଂଚଳ ଆଗ୍ନେୟଗିରି ମାଳଭୂମି ଅଂଚଳରେ ଏହି ପ୍ରକାର ଘର ଉପଲବ୍ଧ ।

(iii) ଇଟାରେ ତିଆରି କାନ୍ଥ ଆଜିକାଲି ବହୁ ପ୍ରଚଳିତ । ଆଜିକାଲି ପ୍ରାୟତଃ ସବୁ ଗ୍ରାମାଞ୍ଚଳରେ ଇଟାର ବ୍ୟବହାର ଚାଲିଛି । ଗ୍ରାମାଞ୍ଚଳରେ ବେଶୀ ଇଟାଭାଟି ଦେଖାଯାଏ । ଭାଟିରେ କଞ୍ଚାଇଟାକୁ ପୋଡ଼ିବା ପାଇଁ କୋଇଲାକୁ ଇନ୍ଧନ ରୂପେ ବ୍ୟବହାର କରାଯାଉଛି । ସ୍ୱଳ୍ପ ଉତ୍ପାଦନ ମୂଲ୍ୟ, ସ୍ଥାୟୀତ୍ୱ ତଥା କମ୍ ସ୍ଥାନରେ ନିର୍ମାଣ କାର୍ଯ୍ୟ କରାଯାଇପାରିବା ଆଦି କାରଣ ଯୋଗୁଁ ଇଟାର ଅଧିକ ବ୍ୟବହାର ହେଉଛି । ସିନ୍ଧୁ ସଭ୍ୟତାରେ ଇଟାର ବ୍ୟବହାର କରାଯାଉଥିବା ପ୍ରତ୍ନତାତ୍ତ୍ୱିକ ଖନନରୁ ଜଣାପଡ଼େ ।

ଇଟା ଯୋଡ଼େଇ ପାଇଁ ମାଟିଗାରା ଅଧିକ ଉପଯୋଗୀ । କିନ୍ତୁ ଆଜିକାଲି ସିମେଣ୍ଟ ଗାରା ଅଧିକ ବ୍ୟବହୃତ ହେଉଛି । ପୁରାତନ ଯୁଗରେ ଅନ୍ୟାନ୍ୟ ପଦାର୍ଥ ମଧ୍ୟ ବ୍ୟବହୃତ ହେଉଥିଲା । ଗରିବ ଲୋକମାନେ ପ୍ରାୟତଃ କଞ୍ଚାଇଟାକୁ ବ୍ୟବହାର କରନ୍ତି । ଜଙ୍ଗଲ ଅଂଚଳ କିମ୍ବା ନିକଟବର୍ତ୍ତୀ ଅଂଚଳରେ କାଠର ସୁଲଭତା ହେତୁ କାଠ ନିର୍ମିତ କାନ୍ଥ ବହୁମାତ୍ରାରେ ଦେଖିବାକୁ ମିଳେ । କେନ୍ଦ୍ରୀୟ ଭାରତରେ ଭିଲଗ ଜନଜାତି ଅଂଚଳରେ ଏହା ଅଧିକ ଦେଖିବାକୁ ମିଳେ ।

(iv) ଜଙ୍ଗଲ ଅଂଚଳ ବା ସମତଳ ଅଂଚଳରେ ଝୋପଡ଼ି ଘର ନିର୍ମାଣରେ (wattle)...... ପ୍ରୟୋଗ କରାଯାଏ । କାରଣ ଏହା ବିନା ମୂଲ୍ୟରେ ଉପଲବ୍ଧ ଏବଂ ଏହାକୁ ବ୍ୟବହାର କରିବା ପାଇଁ ବିଶେଷ କୌଶଳ ଆବଶ୍ୟକ ନୁହେଁ । ଏହି ଘର ପାହାଡ଼ର ଗଡ଼ାଣି ଅଂଚଳ ବା ଶିଖରରେ ନିର୍ମାଣ କରାଯାଇପାରେ । ବିନ୍ଧ୍ୟ ଓ ସାତପୁରା ପର୍ବତରେ ବାସ କରୁଥିବା ଆଦିବାସୀମାନେ (ଗଣ୍ଡ ଓ ଭିଲ୍) ମୁଖ୍ୟତଃ ଏହି ସମାଗ୍ରୀକୁ ବ୍ୟବହାର କରନ୍ତି ।

**2. ଛାତ ନିର୍ମାଣରେ ବ୍ୟବହୃତ ସାମଗ୍ରୀ :**

ଛାତ ନିର୍ମାଣ ସାମଗ୍ରୀ ମୋଟ୍ ସାତ ପ୍ରକାର । ଯଥା:- (i) ଟାଇଲ୍ (ii) ନଡ଼ା (iii) ଟିଣ (iv) ପଥର ଖଣ୍ଡ (v) କାଠ (vi) ଇଟା ଓ ଅନ୍ୟାନ୍ୟ (vii) ଚକଟାମାଟି ଓ ଅନ୍ୟାନ୍ୟ

(i) ସମଗ୍ର ଭାରତରେ ଟାଇଲ୍ ଛାତ ଅତି ସାଧାରଣ । ଦୁଇ ପ୍ରକାର ଟାଇଲ୍ ( ଖପର ( ଅର୍ଦ୍ଧଚନ୍ଦ୍ରାକାର) ଓ ସମତଳ ବ୍ୟବହୃତ ହୁଏ । ଏହି ଟାଇଲ୍‌ଗୁଡ଼ିକର ଆକାର ଓ ଆକୃତି ଭିନ୍ନ ଭିନ୍ନ ଥାଏ । ଉତ୍ତରସ୍ଥ ସମତଳ ଅଂଚଳରେ ବଡ଼ ଖପର ବ୍ୟବହାର ହୁଏ ଏବଂ ମାଳଭୂମି ଓ ପାର୍ବତ୍ୟାଞ୍ଚଳରେ ଛୋଟ ଛୋଟ ଖପର ବ୍ୟବହୃତ ହୁଏ ।

(ii) ନଡ଼ା ଛପର ସବୁଠାରୁ ପୁରାତନ ମୌଳିକ ଗୃହ ନିର୍ମାଣ ଶୈଳୀ । ଏବେ ମଧ୍ୟ ଅଧିକାଂଶ ଗରୀବ ଶ୍ରେଣୀ ଲୋକମାନେ ନଡ଼ାଛପର କରୁଛନ୍ତି । ସବୁପ୍ରକାର କାନ୍ଥ (କାଠ, ପଥର, ମାଟି ବା watttle ନିର୍ମିତ)କୁ ନଡ଼ାଛପର କରାଯାଏ ।

(iii) ଚକଟା ମାଟିରେ ଗୋବର ମିଶାଇ ଛାତ ନିର୍ମାଣ କରିବା ଭାରତର ପଶ୍ଚିମାଞ୍ଚଳରେ ଅତି ସାଧାରଣ । ପଶ୍ଚିମ ଉତ୍ତର ପ୍ରଦେଶରେ ଏହି ଶୈଳୀ ଅଧିକ ପ୍ରଚଳିତ । ବର୍ଷାରୁ ସୁରକ୍ଷା ଦେବାପାଇଁ ଏହାକୁ ମଝିରେ ମଝିରେ ଲିପାଯାଏ । ପାର୍ବତାଞ୍ଚଳରେ ତଥା ମାଳଭୂମି ଅଂଚଳରେ ବହୁ ପୁରାତନ କାଳରୁ ପଥର ସ୍ଲାବ୍

ବ୍ୟବହାର ହୋଇଆସୁଛି । ଆବଶ୍ୟକ ଅନୁଯାୟୀ କାଟି ସଜଡ଼ା ଯିବାପରେ ବାଲିପଥର ଏବଂ ସ୍ଲେଟ୍ ସ୍ଲାବ୍ ଅଧିକ ସ୍ଥାୟୀତ୍ୱ ପ୍ରଦାନ କରେ ।

(iv) ସାଧାରଣ ଭାବେ ଉତ୍ତର ପାର୍ବତ୍ୟାଞ୍ଚଳରେ କାଠକୁ ଛାତ ନିର୍ମାଣରେ ବ୍ୟବହାର କରାଯାଏ । ଏହା ମଧ୍ୟ ଦୁଇପ୍ରକାର । (i) ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ କାଠ ସ୍ଲାବ୍ ଗୁଡ଼ିକୁ ଗୋଲାକାର ଭିତ୍ତିରେ ଏପରି ଯୋଡ଼େଇ କରାଯାଏ ଯେ ବରଫପାତ ବା ବୃଷ୍ଟିପାତରୁ ଘର ସୁରକ୍ଷିତ ରହେ । କିନ୍ତୁ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଏବଂ ଜାମ୍ମୁ-କାଶ୍ମୀରରେ ଟିଣ ବା ଜଳ ନିରୋଧି ପଦାର୍ଥକୁ ବ୍ୟବହାର କରାଯାଏ ।

(vi) ଇଟା କାନ୍ଥର ଲିନ୍‌ଟେଲ୍ ଉପରୁ ଲୁହାଛଡ଼ର ଜାଲି ବିଛାଇ ତା'ଉପରେ ସିମେଣ୍ଟ ପଲସ୍ତରା କରାଯାଏ । ଆଜିକାଲି ଗ୍ରାମାଞ୍ଚଳରେ ବିପଣନ କେନ୍ଦ୍ରଗୃହ ତଥା ଗ୍ରାମାଞ୍ଚଳରେ ଧନୀ ଲୋକମାନଙ୍କ ଘରର ଛାତ ଏହିପରି ନିର୍ମାଣ କରାଯାଏ ।

ଗୃହ ନିର୍ମାଣର ପାରମ୍ପାରିକ ସାମଗ୍ରୀର ବ୍ୟବହାର କମ୍ ହେବାରେ ଲାଗିଛି । ବରଂ ଲୁହା, ଟିଣ ଚାଦର ଓ ସିମେଣ୍ଟ ଆଦିର ବହୁଳ ବ୍ୟବହାର ହେଉଛି ।

## ପାଠ୍ୟଗତ ପ୍ରଶ୍ନ ୨୯.୨

1. ସଂକ୍ଷେପରେ ଉତ୍ତର ଲେଖ ।

(i) କେଉଁ ତିନୋଟି କାରକ ଭାରତର ଗ୍ରାମୀଣ ଅଧିବାସକୁ ପ୍ରଭାବିତ କରେ ?

(i) ____________ (ii) ____________ (iii) ____________

(ii) ଗ୍ରାମୀଣ ଅଧିବାସକୁ ପ୍ରଭାବିତ କରୁଥିବା ତିନୋଟି ଜାତୀୟ ଏବଂ ସାଂସ୍କୃତିକ କାରକର ନାମ ଲେଖ ।

(i) ____________ (ii) ____________ (iii) ____________

(iii) ଭାରତରେ କାନ୍ଥ ନିର୍ମାଣରେ ବ୍ୟବହୃତ ସର୍ବ ପୁରାତନ ଓ ଅତି ସାଧାରଣ ପଦାର୍ଥର ନାମ କ'ଣ ?

______________________________

(iv) ଭାରତର କେଉଁଠାରେ କାଠକୁ କାନ୍ଥ ନିର୍ମାଣରେ ବ୍ୟବହାର କରାଯାଏ ?

______________________________

(v) ଆମ ଦେଶର କେଉଁ ଭାଗରେ ପଥର ସ୍ଲାବ୍‌କୁ ଛାତ ନିର୍ମାଣରେ ବ୍ୟବହାର କରାଯାଏ ?


______________________________

### 29.5 ସହରାଞ୍ଚଳ ଅଧିବାସ :

ଭାରତର ଜନଗଣନା ଅନୁଯାୟୀ ନିମ୍ନଲିଖିତ ସ୍ଥିତତି ଉପଲବ୍ଧ ଥିବା ଅଂଚଳକୁ ସହରାଞ୍ଚଳ କୁହାଯାଏ ।

(a) ସହରାଞ୍ଚଳରେ ମହାନଗର ନିଗମ, କ୍ୟାଣ୍ଟନ୍‌ମେଣ୍ଟ ବୋର୍ଡ଼ କିମ୍ବା ବିଜ୍ଞାପିତ ଅଞ୍ଚଳ ପରିଷଦ (NAC) ଥାଏ ।

(b) ଅନଞ୍ଚ ସବୁ ଅଞ୍ଚଳ ଯାହା ନିମ୍ନ ମାନକକୁ ପୂରଣ କରେ ।





(i) ଅତି କମ୍‌ରେ 5000 ଜନସଂଖ୍ୟା ଥିବ ।

(ii) ଅଣ କୃଷି ବୃତ୍ତିରେ ଅତି କମ୍‌ରେ 75% ପୁରୁଷ ନିୟୋଜିତ ଥିବେ ।

(iii) ପ୍ରତି ବର୍ଗ କିଲୋମିଟର ପିଛା ଅତି କମ୍‌ରେ 400 ବ୍ୟକ୍ତି ବାସ କରୁଥିବେ ।

ଜନଗଣନା ଅନୁଯାୟୀ ଭାରତରେ ଦୁଇ ପ୍ରକାର ସହର ଅଛି ।

(i) ବୈଧାନିକ ସହର (Statutary Town)

(ii) ଜନଗଣନା ସହର (Cencus Town)

ସହରାଞ୍ଚଳ ଅଧିବାସଗୁଡ଼ିକର ନିମ୍ନରେ ପ୍ରଦତ୍ତ ତିନୋଟି ଗୁଣ ମଧ୍ୟରେ ଯେକୌଣସି ଗୋଟିଏ ଗୁଣ ଥିବା ଆବଶ୍ୟକ ।

(i) ଗୋଟିଏ ସହର ଏବଂ ତତ୍ ସଂଲଗ୍ନ ସହର ଅଭିବୃଦ୍ଧି ଅଂଚଳ

(ii) ଦୁଇ କିମ୍ବା ଦୁଇରୁ ଅଧିକ ସଂଲଗ୍ନ ସହର ଏବଂ ଏହାର ଅଭିବୃଦ୍ଧି ଅଂଚଳ ସହ କିମ୍ବା ଅଭିବୃଦ୍ଧି ଅଂଚଳ ବିନା

(iii) ଗୋଟିଏ ସହର ଏବଂ ତତ୍ ସଂଲଗ୍ନ ଏକ ବା ଏକାଧିକ ସହର ଏବଂ ଏହାର ଅଭିବୃଦ୍ଧି ଅଂଚଳ ମିଶି ବିକଶିତ ହୁଏ ଯେ ଜନସଂଖ୍ୟାର ବିସ୍ତୃତି ସୃଷ୍ଟି ହୁଏ ।

ସହରାଞ୍ଚଳ ବାହ୍ୟ ଅଭିବୃଦ୍ଧର ଉଦାହରଣ : ବିଶ୍ୱ ବିଦ୍ୟାଳୟ ପରିସର, କ୍ୟାଣ୍ଟନମେଣ୍ଟ ପରିସର, ସମୁଦ୍ର କୂଳରେ ଅବସ୍ଥିତ ବନ୍ଦର ପରିସର, ଏୟାରପୋର୍ଟ ଏବଂ ରେଲୱେ କଲୋନୀ ପରିସର ଇତ୍ୟାଦି ।

କିନ୍ତୁ ମନେରଖିବା ଉଚିତ୍ ଯେ ଏପରି ଅଭିବୃଦ୍ଧି ସହର ଗୁଡ଼ିକ ସ୍ଥାୟୀ ନୁହଁନ୍ତି । ପ୍ରତି ଜନଗଣନାରେ ଏହି ସହର ଗୁଡ଼ିକର ବିଦ୍ୟମାନ ପରିସ୍ଥିତି ଉପରେ ଆଧାର କରି ଏଗୁଡ଼ିକର ଅବର୍ଗୀକରଣ ବା ପୁନଃବର୍ଗୀକରଣ କରାଯାଏ ।

## 29.6 ସହରାଞ୍ଚଳ ଅଧିବାସର ପ୍ରକାର ଭେଦ :

ଗ୍ରାମୀଣ ଅଧିବାସ ଭଳି ସହରାଞ୍ଚଳ ଅଧିବାସକୁ ମଧ୍ୟ ଅନେକ ଆଧାରରେ ଭିନ୍ନ ଭିନ୍ନ ପ୍ରକାରରେ ବର୍ଗୀକୃତ କରାଯାଇପାରେ । ତଥାପି ଆକାର ଓ କାର୍ଯ୍ୟ ଭିତ୍ତିରେ ବର୍ଗୀକରର ଅତି ସାଧାରଣ ଅଟେ ।

**ଜନସଂଖ୍ୟାର ଆକାର ଆଧାରରେ ବର୍ଗୀକରଣ :**

ଜନସଂଖ୍ୟାର ଆକାର ଆଧାରରେ ସହରାଞ୍ଚଳକୁ ଛଅ ବର୍ଗରେ ବିଭକ୍ତ କରାଯାଏ । ସାରଣୀ ନଂ ୨୯.୧ରେ ଏହା ଦର୍ଶାଯାଇଛି ।

**ସାରଣୀ ନଂ ୨୯.୧: ସହରାଞ୍ଚଳ ଅଧିବାସର ବର୍ଗୀକରଣ**

| ବର୍ଗ | ଜନସଂଖ୍ୟା |
|---|---|
| ବର୍ଗ - I | 1,00,000 ଏବଂ ଏହାଠାରୁ ଅଧିକ |
| ବର୍ଗ - II | 50,000 - 99,000 |
| ବର୍ଗ - III | 20,000 - 49,999 |
| ବର୍ଗ - IV | 10,000 - 19,999 ଏ |
| ବର୍ଗ - V | 5000 - 9,999 ଏ |

ବର୍ଗ - VI 5000 ରୁ କମ୍

ସହରାଞ୍ଚଳ ଅଧିବାସର ଅନ୍ୟ ଏକ ପ୍ରକାର ବର୍ଗୀକରଣ ମଧ୍ୟ ରହିଛି । ଯଥା:-

ନଗର – 1,00,000 ରୁ କମ୍ ଜନସଂଖ୍ୟା ବିଶିଷ୍ଟ ସ୍ଥାନ ।

ସହର – 1 ଲକ୍ଷରୁ 10 ଲକ୍ଷ ମଧ୍ୟରେ ଜନସଂଖ୍ୟା ବିଶିଷ୍ଟ ସ୍ଥାନ ।

ମହାନଗର – 10 ଲକ୍ଷରୁ 50 ଲକ୍ଷ ମଧ୍ୟରେ ଜନସଂଖ୍ୟା ବିଶିଷ୍ଟ ସ୍ଥାନ ।

ବୃହତ୍ ମହାନଗର – 50 ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସ୍ଥାନ ।


**କାର୍ଯ୍ୟଭିତ୍ତିକ ବର୍ଗୀକରଣ :**

ସହରାଞ୍ଚଳ ଅଧିବାସ ବର୍ଗୀକରଣର ଏହା ସବୁଠାରୁ ଲୋକପ୍ରିୟ ତଥା ସର୍ବଜନାଦୃତ ଅଟେ । କେବଳ ଭାରତ ନୁହେଁ ବିଶ୍ୱର ଅନ୍ୟାନ୍ୟ ଦେଶରେ ଏହା ପ୍ରଚଳିତ । ଆମ ଦେଶର ଅନେକ ବିଦ୍ୱାନ କାର୍ଯ୍ୟ ବା ବୃତ୍ତି ଭିତ୍ତିରେ ବର୍ଗୀକରଣର ଅନେକ ଉପାୟ ପ୍ରସ୍ତାବିତ କରନ୍ତି । ସେଗୁଡ଼ିକ ମଧ୍ୟରେ ବିଶିଷ୍ଟ ଜନସଂଖ୍ୟିକ ଶ୍ରୀଯୁକ୍ତ ଅଶୋକ ମିତ୍ରଙ୍କ ପ୍ରସ୍ତାବ ଗ୍ରହଣୀୟ । ସେ ମଧ୍ୟ ଭାରତର ଭୂତପୂର୍ବ ରେଜିଷ୍ଟ୍ରାର ଜେନେରାଲ୍ ଅଟନ୍ତି ।

ଅଶୋକ ମିତ୍ରଙ୍କ କାର୍ଯ୍ୟଭିତ୍ତିକ ବର୍ଗୀକରଣ ( ଭାରତୀୟ ସହର)

**ସାରଣୀ ନଂ 29.2 ସହରାଞ୍ଚଳରେ କାର୍ଯ୍ୟଭିତ୍ତିକ ବର୍ଗୀକରଣ :**

| | *ବିଭାଗ* | *ଔଦ୍ୟୋଗିକ ଶ୍ରେଣୀ* |
|---|---|---|
| 1. | ପ୍ରାଥମିକ କାର୍ଯ୍ୟ | (i) କୃଷି |
| | | (ii) କୃଷି ଶ୍ରମିକ |
| | | (iii) ପଶୁପାଳନ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ମାଛଧରା, ଶିକାର, ଚାରାରୋପଣ, ବଗିଚା ତଥା ଅନ୍ୟାନ୍ୟ |
| | | (iv) ଖନନ ଓ ଉତ୍ଖନନ ଇତ୍ୟାଦି |
| | | (v) ନିର୍ମାଣ, ସଂସାଧନ ପ୍ରସ୍ତୁତି ବା ପ୍ରକ୍ରିୟା କରଣ, ସେବା ଏବଂ ମରାମତି |
| 2. | ଉଦ୍ୟୋଗ | (a) ଘରୋଇ ଉପଯୋଗ ପଦାର୍ଥ ତିଆରି ଉଦ୍ୟୋଗ |
| | | (b) ଘରୋଇ ପଦାର୍ଥ ବ୍ୟତୀତ ଅନ୍ୟାନ୍ୟ ପଦାର୍ଥ ନିର୍ମାଣ ଉଦ୍ୟୋଗ । |
| | | (vi) ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ଶ୍ରମିକ |
| 3. | ବ୍ୟବସାୟ | (vii) ବାଣିଜ୍ୟ ଓ ବ୍ୟବସାୟ |
| 4. | ପରିବହନ | (viii) ପରିବହନ, ଯୋଗାଯୋଗ ଏବଂ ଗୋଦାମରେ |



ଟିପ୍ପଣୀ

ସଂଗ୍ରହଣ

5. ସେବା (ix) ଅନ୍ୟାନ୍ୟ ସେବା

1991 ଜନଗଣନାରେ ଗ୍ରହଣ କରାଯାଉଥିବା କାର୍ଯ୍ୟ ପ୍ରଣାଳୀ ଯାହାଦ୍ୱାର ସହରରେ ବ୍ୟବସାୟ ମୂଳକ ଆଧାରରେ ବର୍ଗୀକୃତ କରାଯାଇ ଥିଲା । ସେଗୁଡ଼ିକ ଯଥାକ୍ରମେ :-

(i) ପ୍ରତ୍ୟେକ ସହର ପାଇଁ ୫ଟି ବିଭାଗରେ କାର୍ଯ୍ୟଶୀଳ ଶ୍ରମିକଙ୍କର ପ୍ରତିଶତ ନିର୍ଣ୍ଣୟ କରାଯାଏ ।

(ii) ବ୍ୟବସାୟ ଆଧାରିତ ଶ୍ରେଣୀକ୍ରମକୁ ପ୍ରତ୍ୟେକ ସହର ପାଇଁ ନିମ୍ନ ଆଧାରରେ ପ୍ରସ୍ତୁତ କରାଯାଇଛି ।

(a) ଯଦି କୌଣସି ବିଭାଗରେ 40% ରୁ ଅଧିକ ଶ୍ରମିକ ବିନିଯୋଗ ଥାଆନ୍ତି, ତେବେ ସେହି ସହରକୁ ଏକକ-କ୍ରିୟାଶୀଳ ଶ୍ରେଣୀ (Mono-Functional)ରେ ଅନ୍ତର୍ଭୁକ୍ତ କରାଯାଏ ।

(b) ଯଦି କୌଣସି ବିଭାଗରେ କାର୍ଯ୍ୟରତ ଶ୍ରମିକ ସଂଖ୍ୟା 40% ରୁ କମ୍ ଥାଏ ତେବେ ଅନ୍ୟ ଗୋଟିଏ ବିଭାଗର ଶ୍ରମିକ ସଂଖ୍ୟା ମିଶାଇ ଦିଆଯାଏ । ଯଦି ଦୁଇଟି ମିଶି 60% ରୁ ଅଧିକ ହୁଏ । ତେବେ ସେହି ସହରକୁ ଦ୍ୱି-କ୍ରିୟାଶୀଳ (Bi-Functional) ଶ୍ରେଣୀଭୁକ୍ତ କରାଯାଏ ।

(c) ଯଦି ଦୁଇଟି ବିଭାଗର ଶ୍ରମିକ ସଂଖ୍ୟା 60% ରୁ ଅଧିକ ହୁଏନାହିଁ । ତେବେ ତୃତୀୟ ଅଧିକ ଶ୍ରମିକ ପ୍ରତିଶତ ଥିବା ବିଭାଗକୁ ମିଶାଇ ଦିଆଯାଏ ଏବଂ ଏହି ସହରକୁ ବହୁ-କ୍ରିୟାଶୀଳ (Multi Functional) ଶ୍ରେଣୀଭୁକ୍ତ କରାଯାଏ ।

(iii) ଯଦି କୌଣସି ପରିସ୍ଥିତିରେ କୌଣସି ସ୍ତରର 1/4 ଅଂଶ କାର୍ଯ୍ୟଶୀଳ ବ୍ୟକ୍ତିଙ୍କର ବ୍ୟବସାୟ କୌଣସି 4 ଟି କାର୍ଯ୍ୟ ଅର୍ଥାତ୍ (i) ଜଙ୍ଗଲଜାତ ପଦାର୍ଥ ସଂଗ୍ରହ/ ମାଛ ଧରିବା (ii) ଖଣିଖନନ ଓ ଉତ୍ତୋଳନ (iii) ଘରୋଇ ଦ୍ରବ୍ୟ ଉତ୍ପାଦନକାରୀ ଉଦ୍ୟୋଗ (iv) ନିର୍ମାଣ ଆଦି କାର୍ଯ୍ୟରେ ନିୟୋଜିତ ତେବେ ସେହି କାର୍ଯ୍ୟଶୀଳ ଶ୍ରେଣୀର ବର୍ଗୀକରଣ ଏହାର ସମ୍ବନ୍ଧୀତ ବ୍ୟବସାୟ କାର୍ଯ୍ୟଶୀଳତା ଆଧାରରେ ଉପଶ୍ରେଣୀଭୁକ୍ତ କରାଯାଏ ।

ଉର୍ଦ୍ଧ୍ୱଲିଖିତ ଉପାୟ ଅବଲମ୍ବନ ଦ୍ୱାରା ଭାରତର ମୋଟ୍ 3697 ସହରକୁ (ଜାମ୍ମୁ-କାଶ୍ମୀର ଛଡ଼ା) ବିଭିନ୍ନ କାର୍ଯ୍ୟଶୀଳ ବିଭାଗଭୁକ୍ତ କରାଯାଇଛି । ଏହି ପ୍ରଚେଷ୍ଟାର ପରିଣାମ ନିମ୍ନମତେ ହାସଲ ହୋଇଛି :-

(i) ଦେଶର ପ୍ରାୟତଃ ଅଧା ସହର (1756)କୁ ପ୍ରଥମ ଶ୍ରେଣୀ (ପ୍ରାଥମିକ କାର୍ଯ୍ୟ)ରେ ବର୍ଗୀକୃତ କରାଯାଇଛି । ପରନ୍ତୁ ଏହାର ଜନସଂଖ୍ୟା ଭାରତର ମୋଟ୍ ସହରୀ ଜନସଂଖ୍ୟାର ପ୍ରାୟ 15.85% ଅଟେ । ଏହି ଶ୍ରେଣୀ ଅନ୍ତର୍ଗତ ଅଧିକାଂଶ ସହର ବହୁତ ଛୋଟ ଆକାର ବିଶିଷ୍ଟ । ଦୁଇ-ତୃତୀୟାଂଶ ଏପରି ସ୍ଥାନ ଏକକ-କ୍ରିୟାଶୀଳ ଏବଂ ଏକ ପଞ୍ଚମାଂଶ ବହୁ-କ୍ରିୟାଶୀଳ ଅଟେ । ଉତ୍ତର ପ୍ରଦେଶରେ ସର୍ବାଧିକ 371 ଟି ଏଭଳି ସହର ଥିଲା ।

(ii) ଦେଶର 723 ଟି ସହରର ଲୋକମାନଙ୍କର ମୁଖ୍ୟ ବୃତ୍ତି ଥିଲା ଉଦ୍ୟୋଗ ଜଡ଼ିତ । ସହରୀ ଜନସଂଖ୍ୟାର ଅର୍ଦ୍ଧାଧିକ ବ୍ୟକ୍ତି ଏହି ସ୍ଥାନରେ ଦେଖାଯାଆନ୍ତି । ଏକ-ତୃତୀୟାଂଶରୁ ଅଧିକ ଏହି ସ୍ଥାନଗୁଡ଼ିକର ଜନସଂଖ୍ୟା ପ୍ରତି ସହର ପିଛା 1 ଲକ୍ଷରୁ ଅଧିକ । ଔଦ୍ୟୋଗିକ ଶ୍ରେଣୀ ଅନ୍ତର୍ଗତ ସହରର 4/5 ଜନସଂଖ୍ୟା ଏହି ସ୍ଥାନଗୁଡ଼ିକରେ ବାସ କରନ୍ତି । ଏହି ସ୍ଥାନଗୁଡ଼ିକର ଅଧାରୁ କମ୍ ସ୍ଥାନରେ ଏକକ-କ୍ରିୟାଶୀଳ ଲୋକବାସ କରନ୍ତି । କିନ୍ତୁ ଦ୍ୱି-କାର୍ଯ୍ୟଶୀଳ ଶ୍ରେଣୀ ସ୍ଥାନର ସଂଖ୍ୟା ଅତି କମ୍ । ତାମିଲନାଡୁରେ ସର୍ବାଧିକ 101 ଟି



ଟିପ୍ପଣୀ

ଔଦ୍ୟୋଗିକ ସହର ଏବଂ ଉତ୍ତରପ୍ରଦେଶରେ ୨1 ଏବଂ ଗୁଜୁରାଟରେ ୫7 ଟି ସହ ଏହି ଶ୍ରେଣୀଭୁକ୍ତ ଥିଲା ।

(iii) ଦେଶର 460 ଟି ସହରକୁ ବାଣିଜ୍ୟ ଶ୍ରେଣୀଭୁକ୍ତ କରାଯାଇଥିଲା । ଏହାର ଜନସଂଖ୍ୟା ଦେଶର ସହରୀ ଜନସଂଖ୍ୟାର ପ୍ରାୟ 7% ଥିଲା । ଅଧିକାଂଶ ବାଣିଜ୍ୟିକ ସହର ବହୁ-କ୍ରିୟାଶୀଳ ଶ୍ରେଣୀଭୁକ୍ତ ଥିଲା । ବାକି ଅଧିକାଂଶ ସହର ଦ୍ୱି-କ୍ରିୟାଶୀଳ ଶ୍ରେଣୀଭୁକ୍ତ ଥିଲା । ଉତ୍ତର ପ୍ରଦେଶରେ ସର୍ବାଧିକ 121 ଟି ସହର ଥିଲା । ଅନ୍ୟାନ୍ୟ ରାଜ୍ୟରେ ଏପରି ସହର ସଂଖ୍ୟା ଅତି କମ୍ ।


(iv) ପରିବହନ ସମ୍ବନ୍ଧ ଶ୍ରେଣୀରେ କେବଳ 23 ଟି ସହର ଅଛି, ଯାହାର ଜନସଂଖ୍ୟା ଦେଶର ମୋଟ୍ ସହରାଞ୍ଚଳ ଜନସଂଖ୍ୟାର 1% ଠାରୁ ମଧ୍ୟ କମ୍ । ପଶ୍ଚିମ ବଙ୍ଗର ଖଡ଼ଗପୁର ଓ ଉତ୍ତରପ୍ରଦେଶର ମୋଗଲ ସରାଇ ଛଡ଼ା ଏହି ଶ୍ରେଣୀରେ ଅଧିକାଂଶ ଛୋଟ ସହର । କାର୍ଯ୍ୟଶୀଳ ବ୍ୟବସାୟ ଦୃଷ୍ଟିରୁ 10 ଟି ସହର ଏକକ କ୍ରିୟାଶୀଳ ଏବଂ 10 ଟି ସହର କ୍ରିୟାଶୀଳ ଶ୍ରେଣୀଭୁକ୍ତ ଅଟେ ।

(v) ଦେଶର ପ୍ରାୟ 736 ଟି ସହର ଅନ୍ୟାନ୍ୟ ସେବା ଶ୍ରେଣୀଭୁକ୍ତ । ଏହି ଅଂଚଳରେ ବାସ କରୁଥିବା ଲୋକସଂଖ୍ୟା ଦେଶର ମୋଟ୍ ସହରାଞ୍ଚଳ ଜନସଂଖ୍ୟାର ଏକ-ଚତୁର୍ଥାଂଶ । ଏ ମଧ୍ୟରୁ ଅଧିକାଂଶ ଲୋକ (70%) ପ୍ରଥମ ଶ୍ରେଣୀ ସହରରେ ବାସ କରନ୍ତି ।

ଅଧିକାଂଶ ସହର ବହୁ-କ୍ରିୟାଶୀଳ କିମ୍ବା ଦ୍ୱି-କ୍ରିୟାଶୀଳ ଶ୍ରେଣୀର ଅନ୍ତର୍ଗତ । ଏହି ଶ୍ରେଣୀୟ ସହର ଉତ୍ତର ପ୍ରଦେଶରେ 114 ଟି ଏବଂ ମଧ୍ୟପ୍ରଦେଶରେ ୫2 ଟି ରହିଛି ।

**ସାରଣୀ ନଂ 29.3 ଭାରତ : କାର୍ଯ୍ୟ ଆଧାରିତ ସହର**

| *କ୍ର.ନଂ* | *କାର୍ଯ୍ୟ* | *ସହରର ନାମ* |
|---|---|---|
| 1 | ପ୍ରଶାସନିକ | ନୂଆଦିଲ୍ଲୀ, ଚଣ୍ଡିଗଡ଼, ଭୁବନେଶ୍ୱର, ଗାନ୍ଧିନଗର, ଇମ୍ଫାଲ, ତିରୁ-ଅନନ୍ତପୁରମ୍ ଇତ୍ୟାଦି |
| 2 | ଔଦ୍ୟୋଗିକ | ଜାମସେଦପୁର, ଭିଲାଇ, ସାଲେମ୍, କୋଏମ୍ବାଟୁର, ମୋଦିନଗର ଓ ସୁରଟ ଇତ୍ୟାଦି |
| 3 | ପରିବହନ | କାଣ୍ଡଲା, କୋଚି, ବିଶାଖାପାଟଣା ଆଦି ବନ୍ଦ ସହର, ମୋଗଲ ସରାଇ, ଇଟାର୍ସି, କଟ୍‌ନି, ଖଡ଼ଗପୁର ଓ ଆଗ୍ରା ଭଳି ସଡ଼କ ଓ ରେଳ ଜଙ୍କସନ୍ |
| 4 | ବାଣିଜ୍ୟିକ ସହର | କୋଲକାତା, ମୁମ୍ବାଇ, ଶାହାରନପୁର, ଇନ୍ଦୋର ଓ ଚେନ୍ନାଇ ଇତ୍ୟାଦି |
| 5 | ଖଣି ସହର | ରାଣୀଗଞ୍ଜ, ଝରିଆ, ଧାନବାଦ୍, ଦିଗ୍‌ବୋଇ, ଅଙ୍କଲେଶ୍ୱର, ସିଙ୍ଗ୍ରୌଲି ଇତ୍ୟାଦି । |
| 6 | କ୍ୟାଣ୍ଟନ୍‌ମେଣ୍ଟ | ମେରଟ୍, ଅମ୍ବାଲା, ଜଳନ୍ଧର, ମହୌ, ପଠାଣକୋଟ୍ ଆଦି |
| 7 | ଶୈକ୍ଷିକ | ରୁର୍‌କି, ପିଲାନୀ, ମଣିପାଲ୍, ଆଲିଗଡ଼, ବାରାଣାସୀ ଆଦି |



ଟିପ୍ପଣୀ

| | | |
|---|---|---|
| ୪ | ଧାର୍ମିକ | ପୁରୀ, ମଥୁରା, ମଦୁରାଇ, ତିରୁପତି, କାତ୍ରା, ଅମୃତସର, ଆଲାହାବାଦ୍, ବାରାଣାସୀ ଇତ୍ୟାଦି । |
| ୭ | ପର୍ଯ୍ୟଟନ | ନୈନିତାଲ୍, ମସୌରୀ, ଶିମଳା, ପଞ୍ଚମାରୀ, ଉଦଗ ମଣ୍ଡଲମ୍ (ଉଟି), ମାଉଣ୍ଟଆବୁ, ଗାଙ୍ଗଟକ୍ ଆଦି |

## ପାଠ୍ୟଗତ ପ୍ରଶ୍ନାବଳୀ ୨୯.୩

1. ସଂକ୍ଷିପ୍ତ ଉତ୍ତର ଲେଖ ।

(i) ସହର ଏକତ୍ରୀକରଣ କ'ଣ ?

______________________________

(ii) ଜନଗଣନା ଅନୁଯାୟୀ ଭାରତରେ କେଉଁ ଦୁଇ ପ୍ରକାର ସହର ଦେଖାଯାଏ ?

______________________________

(iii) "ବୃହତ୍ ମହାନଗର" କ'ଣ ବୁଝାଅ ।

______________________________

(iv) 1991 ଜନଗଣନା ଅନୁଯାୟୀ କେଉଁ କାର୍ଯ୍ୟଶୀଳ ସହର ସଂଖ୍ୟା ସର୍ବାଧିକ ?

(v) ଭାରତର ଦୁଇଟି ଶୈକ୍ଷିକ ସହର ନାମ ଲେଖ ।

(a) ______________ (b) ______________

## ତୁମେ କ'ଣ ଶିଖିଲ

ଗୋଟିଏ ଘର ଠାରୁ ଆରମ୍ଭ କରି ବଡ଼ ସହର ପର୍ଯ୍ୟନ୍ତ ମଣିଷ ପାଇଁ ଉର୍ଦ୍ଦିଷ୍ଟ ବାସସ୍ଥାନ ହିଁ ଅଧିବାସ । ଅଧିବାସ ଦୁଇ ପ୍ରକାର ଯଥା :- (i) ଗ୍ରାମାଞ୍ଚଳ ଅଧିବାସ (ii) ସହରାଞ୍ଚଳ ଅଧିବାସ । କାର୍ଯ୍ୟଭିତ୍ତିରେ ଏହି ଦୁଇ ପ୍ରକାର ଅଧିବାସରେ ପାର୍ଥକ୍ୟ ରହିଛି । ଯଥା :- (i) ସଘନ (ii) ଅର୍ଦ୍ଧ ସଘନ (iii) ପଲ୍ଲୀ (iv) ବିକ୍ଷିପ୍ତ/ ବିକୀର୍ଣ୍ଣ ସଘନ ଅଧିବାସରେ ଘରଗୁଡ଼ିକର ନିର୍ମାଣକ୍ଷେତ୍ର ପରସ୍ପର ସହ ଲାଗିଲାଗି ଥାଏ ତଥା ସବୁ ଘରଗୁଡ଼ିକ ଏକ କେନ୍ଦ୍ରୀୟ ଭାଗରେ ସଂକେନ୍ଦ୍ରୀତ ଥାଏ । ଆମଦେଶର ଅଧିକାଂଶ ଗ୍ରାମୀଣ ଅଧିବାସ ଏହି ଶ୍ରେଣୀଭୁକ୍ତ । ଏ ଧରଣର ଅଧିବାସ ଦେଶରେ ସର୍ବତ୍ର ଦେଖିବାକୁ ମିଳେ । ପ୍ରାୟ ଏଗାର ପ୍ରକାର ପ୍ରତିରୂପ ଏହି ଅଧିବାସର ଅନ୍ତର୍ଗତ । ଅର୍ଦ୍ଧ ଓଘନ ଅଧିବାସରେ ତିନିପ୍ରକାର ପ୍ରତିରୂପ ଅଛି । ଯଥା: (i) ଚେକର ବୋର୍ଡ଼ (ii) ବର୍ଦ୍ଧିତ-ଆୟତାକାର (iii) ପଙ୍ଖାକାର ପ୍ରତିରୂପ

ଏପରି ଅଧିବାସ ଛୋଟନାଗପୁର ମାଲଭୂମିର ଆଦିବାସୀ ବହୁଳ ଅଂଳ ଏବଂ ଉତ୍ତର-ପୂର୍ବରେ ନାଗାଲାଣ୍ଡରେ ଦେଖାଯାଏ । ପଲ୍ଲୀ ଅଧିବାସ ଅନେକ ଗୁଡ଼ିଏ ଛୋଟ ଛୋଟ ଏକକରେ ବିଭାଜିତ ହୋଇଥାଏ । ମୁଖ୍ୟ ଅଧିବାସର ଅନ୍ୟାନ୍ୟ ଅଧିବାସ ଉପରେ ଅଧିକ ପ୍ରଭାବ ରହେ ନାହିଁ । କିନ୍ତୁ ବିକ୍ଷିପ୍ତ ବା ବିକୀର୍ଣ୍ଣ ଅଧିବାସରେ ଘରଗୁଡ଼ିକର ଆକାର ଛୋଟ ଏବଂ ଗାଁର ଆକାର ମଧ ଛୋଟ । ଏଗୁଡ଼ିକର ଘର ସଂଖ୍ୟା ଏକରୁ ଛୋଟ ଛୋଟ ଅନେକ ହୋଇଥାଏ । ଆମ ଦେଶର ଗ୍ରାମୀଣ ଅଧିବାସ ପ୍ରାକୃତିକ, ଜାତୀୟ ଓ ସାଂସ୍କୃତିକ ଏବଂ ଐତିହାସିକ କିମ୍ବା ପ୍ରତିରକ୍ଷାତ୍ମକ କାରକ ଦ୍ୱାରା ପ୍ରଭାବିତ ହୋଇଥାଏ । ଦେଶରେ ଘରର ପ୍ରକାର ଭେଦରେ ମଧ ପାର୍ଥକ୍ୟ ରହିଛି ।

ଗୃହ ନିର୍ମାଣ ସାମଗ୍ରୀର ଉପଲବ୍ଧତା, ଭୂ-ରୂପ ଓ ଜଳବାୟୁ ଅବସ୍ଥା ପାଇଁ ଏହି ପାର୍ଥକ୍ୟ ଦେଖାଯାଏ । ନିର୍ମାଣ ସାମଗ୍ରୀ ବିଚାରରେ ଏଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଏ ।

(i) ଘର କାନ୍ଥ ନିର୍ମାଣ ସାମଗ୍ରୀ

(ii) ଛାତ ନିର୍ମାଣ ସାମଗ୍ରୀ

ମାଟିଚକଟା ପଥର, ଇଟା, କାଠଗଣ୍ଡି ଓ ୱାଟଲ୍ ଆଦି କାନ୍ଥ ନିର୍ମାଣ ସାମଗ୍ରୀ ଏବଂ ନଡ଼ା, ମାଟିଚକଟା, ଟାଇଲ୍, ଟିଣ, ପଥର ସ୍ଲାବ୍, କାଠ ଓ ଇଟା ଆଦି ଛାତ ନିର୍ମାଣ ସାମଗ୍ରୀ ଭାବେ ବ୍ୟବହୃତ ହୁଏ ।

ଜନଗଣନା ଅନୁଯାୟୀ ସହରାଞ୍ଚଳରେ (କ) ମହାନଗର ନିଗମ, କ୍ୟାଣ୍ଟନମେଣ୍ଟ ବୋର୍ଡ଼ କିମ୍ବା ବିଜ୍ଞାପିତ ଅଂଚଳ ପରିଷଦ ଥାଏ ଏବଂ (ଖ) ନିମ୍ନ ମାନକକୁ ପୂରଣ କରୁଥିବା ଅନ୍ୟାନ୍ୟ ଅଂଚଳ

(i) ଅତି କମ୍‌ରେ 5000 ଜନସଂଖ୍ୟା

(ii) ଅଣ କୃଷି ବୃତ୍ତିରେ ଅତିକମ୍‌ରେ 75 ପ୍ରତିଶତ ପୁରୁଷ

(iii) ପ୍ରତି ବର୍ଗ କିଲୋମିଟର ପିଛା ଅତିକମ୍‌ରେ 400 ବ୍ୟକ୍ତି

'କ' ବିଭାଗର ସମସ୍ତ ସର୍ତ୍ତ ପୂରଣ କରୁଥିବା ସ୍ଥାନଗୁଡ଼ିକୁ 'ବୈଧାନିକ ସହର' (Statutory Town) କୁହାଯାଏ । 'ଖ' ବିଭାଗର ସମସ୍ତ ସର୍ତ୍ତପୂରଣ କରୁଥିବା ସହରଗୁଡ଼ିକୁ ଜନଗଣନା ସହର (Cencus Town) କୁହାଯାଏ । ଗ୍ରାମୀଣ ଅଧିବାସ ଭଳି ସହରାଞ୍ଚଳ ଅଧିବାସକୁ ମଧ୍ୟ ବିଭିନ୍ନ ଆଧାରରେ ବର୍ଗୀକରଣ କରାଯାଏ । କିନ୍ତୁ 'ଆକାର' ଏବଂ 'କାର୍ଯ୍ୟ' ଆଧାରରେ ବର୍ଗୀକରଣ ଅଧିକ ପ୍ରଚଳିତ । ଜନସଂଖ୍ୟାର ଆକାର ଆଧାରରେ ସହରାଞ୍ଚଳ ଅଧିବାସକୁ ନଗର, ସହର, ମହାନଗର ଏବଂ ବୃହତ୍ ମହାନଗର ନାମରେ ନାମିତ କରାଯାଏ । ଠିକ୍ ସେହିପରି ବ୍ୟବସାୟିକ କ୍ରିୟାଶୀଳତା ଭିତ୍ତିରେ ମଧ୍ୟ ବର୍ଗୀକରଣ କରାଯାଏ ଯଥା:- ପ୍ରଶାସନିକ, ଔଦ୍ୟୋଗିକ, ପରିବହନ, ବାଣିଜ୍ୟିକ, ଖଣିଜ, କ୍ୟାଣ୍ଟନ୍‌ମେଣ୍ଟ, ଶୈକ୍ଷିକ, ଧାର୍ମିକ ଏବଂ ପର୍ଯ୍ୟଟନ ।

## ପାଠାନ୍ତ ପ୍ରଶ୍ନ

1. 'ଅଧିବାସ' କହିଲେ କ'ଣ ବୁଝ ? ଭାରତରେ ବିଭିନ୍ନ ପ୍ରକାର ଗ୍ରାମୀଣ ଅଧିବାସ ସଂପର୍କରେ ବିବରଣୀ ପ୍ରଦାନ କର ।
2. ଉଦାହରଣ ସହ ଭାରତରେ ସଘନ ଅଧିବାସର ବିଭିନ୍ନ ପ୍ରତିରୂପ ବର୍ଣ୍ଣନା କର ।
3. ଭାରତରେ ଅଧିବାସର ପ୍ରକାରକୁ ପ୍ରଭାବିତ କରୁଥିବା କାରକ ଗୁଡ଼ିକୁ ବର୍ଣ୍ଣନା କର ।
4. ଭାରତରେ କାନ୍ଥ ଓ ଛାତ ନିର୍ମାଣରେ ବ୍ୟବହୃତ ସାମଗ୍ରୀ ଗୁଡ଼ିକୁ ବର୍ଣ୍ଣନା କର ।
5. 2001 ଜନଗଣନା ରିପୋର୍ଟ ଅନୁଯାୟୀ 'ସହରାଞ୍ଚଳ' ସମ୍ବନ୍ଧରେ ବିବରଣୀ ପ୍ରଦାନ କର । 1991 ଜନଗଣନା ଅନୁଯାୟୀ କାର୍ଯ୍ୟବୃତ୍ତି ମୂଳକ ବର୍ଗୀକରଣ କରିବା ପ୍ରଣାଳୀ ବର୍ଣ୍ଣନା କର ।

## ପାଠ୍ୟଗତ ପ୍ରଶ୍ନାବଳୀର ଉତ୍ତର


**29.1**

1.(i) ଏକକ ବାସଗୃହ ଠାରୁ ଆରମ୍ଭ କରି ବଡ଼ ସହର ପର୍ଯ୍ୟନ୍ତ ବିସ୍ତୃତ ଯେ କୌଣସି ପ୍ରକାର ମନୁଷ୍ୟର ଆବାସ ହିଁ ଅଧିବାସ ।

(ii) (କ) କାର୍ଯ୍ୟ (ଖ) ଜନସଂଖ୍ୟା

(iii) (କ) ସଘନ (ଖ) ଅର୍ଦ୍ଧ-ସଘନ (ଗ) ପଲ୍ଲୀ (ଘ) ବିକୀର୍ଣ୍ଣ

(iv) ସଘନ ଅଧିବାସ



ଟିପ୍ପଣୀ

(v) ପଲ୍ଲୀ ଅଧିବାସ ଛୋଟ ଛୋଟ ଅଂଶ ଭାବେ ବିଚ୍ଛୁରିତ ଭାବେ ଥାଏ । ଏଠାରେ କେନ୍ଦ୍ର ଅଧିବାସ ବା ମୁଖ୍ୟ ଅଧିବାସ ନଥାଏ କିମ୍ବା ଅନ୍ୟାନ୍ୟ ଅଂଶ ଉପରେ ଏହାର ଖୁବ୍ କମ୍ ପ୍ରଭାବ ଥାଏ ।

(vi) (କ) ଭାରତର କେନ୍ଦ୍ରାଞ୍ଚଳର ଆଦିବାସୀ/ ଜନଜାତି ଅଂଚଳ

(ଖ) ଉତ୍ତର ବଙ୍ଗର ପାହାଡ଼ି ଅଂଚଳ, ଜାମ୍ମୁ-କାଶ୍ମୀର, ତାମିଲନାଡୁ ଏବଂ କେରଳ

**29.3**

(i) (କ) ପ୍ରାକୃତିକ (ଖ) ଜାତୀୟ ଓ ସାଂସ୍କୃତି (ଗ) ଐତିହାସିକ କିମ୍ବା ପ୍ରତିରକ୍ଷା

(ii) (କ) ଜାତି (ଖ) ସଂପ୍ରଦାୟ (ଗ) ଜାତୀୟତା (ଘ) ଧର୍ମ (୩ଟି)

(iii) ଚକଟା ମାଟି

(iv) (କ) ଅରଣ୍ୟ ଅଂଚଳ (ଖ) ପ୍ରଚୁର କାଠ ମିଳୁଥିବା ଦେଶର ପାର୍ବତ୍ୟାଞ୍ଚଳ (ଯେକୌଣସି ଗୋଟିଏ)

(v) (କ) ପାର୍ବତ୍ୟାଞ୍ଚଳ (ଖ) ପାହାଡ଼ିଆ ତଥା ମାଳଭୂମି ଅଂଚଳ

**29.3**

(i) ସହରାଞ୍ଚଳ ଅଧିବାସ ନିମ୍ନୋକ୍ତ ତିନୋଟିର ସମ୍ମିଶ୍ରଣ ମଧ୍ୟରୁ ଯେକୌଣସି ଗୋଟିଏ ହୋଇପାରେ ।

(କ)ଗୋଟିଏ ସହର ଓ ତତ୍ ସଂଲଗ୍ନ ଅଭିବୃଦ୍ଧି ଅଞ୍ଚଳ

(ଖ) ଦୁଇ କିମ୍ବା ତତୋଧିକ ସଂଲଗ୍ନ ସହର ଏବଂ ଏହାର ଅଭିବୃଦ୍ଧି ଅଞ୍ଚଳ ସହ କିମ୍ବା ଅଭିବୃଦ୍ଧି ଅଂଚଳ ବିନା

(ଗ)ଗୋଟିଏ ସହର ଏବଂ ତତ୍ ସଂଲଗ୍ନ ଏକ ବା ଏକାଧିକ ସହର ଏବଂ ଏହାର ଅଭିବୃଦ୍ଧି ଅଂଚଳକୁ ନେଇ ବିସ୍ତୃତ ଅଂଚଳ ।

(ii) (କ) ବୈଧାନିକ ସହର (ଖ) ଜନଗଣନା ସହର

(iii) 50 ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସହରକୁ ବୃହତ୍ ମହାନଗର କୁହାଯାଏ ।

(iv) 1991 ଜନଗଣନା ଅନୁଯାୟୀ ପ୍ରାଥମିକ ସ୍ତରୀୟ ବୃତ୍ତି ବିଶିଷ୍ଟ ସହର ସଂଖ୍ୟା ସର୍ବାଧିକ (1756)

(v) (କ) ରୁର୍କି (ଖ) ପିଲାନି (ଗ) ମଣିପାଲ୍ (ଘ) ଆଲିଗଡ଼ (ଙ) ବାରଣାସୀ (ଯେକୌଣସି ୨ଟି)

## ପାଠାନ୍ତ ପ୍ରଶ୍ନ

1. ଅନୁଚ୍ଛେଦ 29.1 ଓ 29.2 ଦେଖ ।
2. 29.2 ଅନୁଚ୍ଛେଦରେ ଥିବା ସଘନ ଅଧିବାସକୁ ଦେଖ ।
3. ଅନୁଚ୍ଛେଦ 29.3 ଦେଖ ।
4. ଅନୁଚ୍ଛେଦ 29.4 ର ପ୍ରଥମ ଓ ଦ୍ୱିତୀୟ ଭାଗ ଦେଖ ।
5. ଅନୁଚ୍ଛେଦ 29.5 ଦେଖ ଏବଂ କାର୍ଯ୍ୟବୃତ୍ତି ବର୍ଗୀକରଣ (ଅନୁଚ୍ଛେଦ 29.6 )